**PANCHAYATI RAJ & DRINKING WATER DEPARTMENT**

# PRESS BRIEF

Government of Odisha have taken a decision for execution of Rural Piped Water Supply Projects under one package to provide safe drinking water in the water quality affected areas of Bhadrak District out of State Plan RIDF funding. By this project, 6,16,838 people of 526 villages under 84 GPs of 04 Blocks of the District will be provided with safe drinking water. On this account, 1,76,512 people of 118 villages under Basudevpur Block, 1,28,595 people of 109 villages under Tihidi Block, 2,51,780 people of 266 villages under Chandabali Block and 59,951 people of 33 villages under Dhamanagar Block of Bhadrak District will be benefited.

Now Cabinet have approved the lowest tender of M/s. Megha Engineering Infrastructure Ltd, Hyderabad amounting to **Rs. 754.00 Crore** for execution of above work. The work is targeted for completion within a period of 24 months.

# ପଞ୍ଚାୟତି ରାଜ ଓ ପାନୀୟଜଳ ବିଭାଗ

## ପ୍ରେସ ବିବୃତ୍ତି

ରାଜ୍ୟର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ରାଜ୍ୟ ସରକାରଙ୍କ ପ୍ରମୁଖ ଦାୟିତ୍ୱ । ରାଜ୍ୟର ଭଦ୍ରକ ଜିଲ୍ଲାର ବାସୁଦେବପୁର, ତିହିଡି, ଚାନ୍ଦବାଲି ଓ ଧାମନଗର ବ୍ଲକର କିଛି ଅଞ୍ଚଳରେ ଭୂତଳ ଜଳର ଉପଯୁକ୍ତ ମାନନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଥିବା ପରିଲକ୍ଷିତ ହୋଇଅଛି । ଏଥିପାଇଁ ରାଜ୍ୟ ସରକାରଙ୍କ ବସୁଧା RIDF ଯୋଜନାରେ ଭୂପୃଷ୍ଠ ଜଳକୁ ବିଶୋଧନ କରାଯାଇ ବିଶୁଦ୍ଧ ଜଳ ଯୋଗାଇ ଦେବା ନିମନ୍ତେ ଉକ୍ତ ଜିଲ୍ଲାରେ ଗୋଟିଏ ଗ୍ରାମ୍ୟ ପାଇପ ଜଳ ଯୋଗାଣ ପ୍ରକଳ୍ପକୁ EPC ନିବିଦା ମାଧମରେ କାର୍ଯ୍ୟକାରୀ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି ।

ଉକ୍ତ ପ୍ରକଳ୍ପ ଦ୍ୱାରା ଭଦ୍ରକ ଜିଲ୍ଲାର ୪ ଗୋଟି ବ୍ଲକ ଅଧିନରେ ଥିବା ୫୨୬ ଟି ଗ୍ରାମରେ ବସବାସ କରୁଥିବା ପ୍ରାୟ ୬,୧୬,୮୩୮ ଲୋକଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରାଯିବ । ଯାହାଦ୍ୱାରା ବାସୁଦେବପୁର ବ୍ଲକ ଅନ୍ତର୍ଗତ ୧୧୮ ଟି ଗ୍ରାମର ୧୭୬୫୧୨; ତିହିଡି ବ୍ଲକ ଅନ୍ତର୍ଗତ ୧୦୯ ଟି ଗ୍ରାମର ୧୨୮୫୯୫; ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ୨୬୬ ଟି ଗ୍ରାମର ୨୫୧୭୮୦ ଓ ଧାମନଗର ବ୍ଲକ ଅନ୍ତର୍ଗତ ୩୩ ଟି ଗ୍ରାମର ୫୯୯୫୧ ଜନସାଧାରଣ ଉପକୃତ ହୋଇପାରିବେ ।

ବର୍ତ୍ତମାନ ରାଜ୍ୟ କ୍ୟାବିନେଟ, ଉକ୍ତ ପ୍ରକଳ୍ପର କାର୍ଯ୍ୟ ସମ୍ପାଦନ ନିମନ୍ତେ ଠିକାଦାର M/s Megha Engineering Infrastructure Ltd., Hyderabad ଙ୍କ ୭୫୪ କୋଟି ଟଙ୍କାର ସର୍ବନିମ୍ନ ନିବିଦା କୁ ଅନୁମୋଦନ କରିଛନ୍ତି । ଉକ୍ତ ପ୍ରକଳ୍ପ ୨୪ ମାସ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରିବାପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।